# ସିସାଲତନ୍ତୁ ଉଦ୍ୟୋଗ



ସିସାଲତନ୍ତୁକୁ ଇଂରାଜୀରେ Sisal Fibre କୁହାଯାଏ । ସ୍ଥାନୀୟ ଭାଷାରେ ଏହାକୁ "ହାତୀକାନ" ଓ "ବାରମାସୀ" ବୋଲି କୁହାଯାଏ, ହିନ୍ଦୀରେ "ମୁଗା" କୁହାଯାଏ । ଏହି ଗଛରପତ୍ର ଲମ୍ବା ଓ ଅଗରେ ମୁନିଆ କଣ୍ଟାଥାଏ । ଦୁଇଧାରରେ ଛୋଟ ଛୋଟ କଣ୍ଟାମାନ ଦେଖିବାକୁ ମିଳେ । ଏହା ବହୁ ଚିକ୍କଣ । କଞ୍ଚାଥିଲେ ସବୁଜ ରଙ୍ଗର ଦେଖାଯାଏ ଓ ଶୁଖିଗଲେ ଧଳା ଦେଖାଯାଏ । ମୁଖ୍ୟତଃ ଜଙ୍ଗଲ ଜାଗାରେ କିମ୍ବା ଗାଁ ମାନଙ୍କରେ ମୃତ୍ତିକା ସଂରକ୍ଷଣ ନିମନ୍ତେ ଏହାକୁ ଲଗାଯାଇଥାଏ ।

**କଞ୍ଚାମାଲ :** ସିସାଲ ତନ୍ତୁର ପତ୍ର ପ୍ରାୟ ଜଙ୍ଗଲ ନିକଟସ୍ଥ ଗାଁ ମାନଙ୍କରେ ବହୁ ପରିମାଣରେ ଦେଖିବାକୁ ମିଳେ । ପାଚିଲା ହୋଇଥିବା ପଟଗୁଡ଼ିକୁ ବର୍ଷକୁ ଥରେ ମାତ୍ର କଟାଯାଇ ସଂଗ୍ରହ କରାଯାଏ । ପଟ ସଂଗ୍ରହ ସମୟରେ ଯତ୍ନନେବା ଉଚିତ୍ ଯେପରି ଗଛର କୌଣସି ଅଂଶ କଟି ନଯାଏ । ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଏହି ପତ୍ର କଟାଯାଇ ମେସିନ୍ ସାହାଯ୍ୟରେ ତନ୍ତୁ ବାହାର କରାଯାଇ ବଜାରରେ ବିକ୍ରି କରାଯାଉଛି । ନୂଆପଡାରେ ତରବୋଡ଼ ଓ ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ୍‌ରେ ଏହିପରି ଦୁଇଟି ୟୁନିଟ୍ ଅଛି । ପତ୍ରଗୁଡ଼ିକୁ କଟାଯିବା ପରେ ଛାଇରେ ରଖି ଶୁଖାଯାଏ । ପ୍ରଥମେ ଡିକୋଡିକଟର ମେସିନ୍ ସାହାଯ୍ୟରେ ପତ୍ରଗୁଡ଼ିକୁ ପେଷାଯାଏ । ତନ୍ତୁର ମଇଳା ବାହାର କରିବା ପାଇଁ ଏହାକୁ ଭଲ ଭାବେ ୨ଥର କରି ପେଷା ଯାଇଥାଏ ଓ ପରେ ସେଗୁଡ଼ିକୁ ପାଣି କୁଣ୍ଡରେ ପରିଷ୍କାରଭାବେ ଧୂଆଯାଏ । ଯେପରିକି ସେଥିରେ କୌଣସି ଅନ୍ୟ ଜିନିଷ ଲାଗି ନରହେ । ସର୍ବଦା ନଜର ରଖିବା ଦରକାର ଯେପରି, ତନ୍ତୁଗୁଡିକର ରଙ୍ଗ ଅତି ଧଳା ହେବା ଆବଶ୍ୟକ । ପରିଷ୍କାର ତନ୍ତୁଗୁଡ଼ିକ ନଦୀବାଲିରେ ତଥା ତାର ବନ୍ଧାଯାଇ ତା ଉପରେ ଶୁଖାଯାଏ । ଯେପରି ଅନ୍ୟ ପଦାର୍ଥ ଏଥିରେ ଲାଗି ନଯାଏ ।

**ମେସିନ୍ :** ଏହି କୁଟୀର ଶିଳ୍ପ ବସାଇବାକୁ ନିମ୍ନ ଲିଖିତ ଯନ୍ତ୍ରପାତିର ଆବଶ୍ୟକତା ରହିଛି । ତାହା ହେଲା: ଡିକୋଡ଼ିକଟର ,୩ ଅଶ୍ୱଶକ୍ତି କ୍ଷମତା ସମ୍ପନ୍ନ ଡିଜେଲ ପମ୍ପସେଟ୍, ରଶି ମେସିନ୍, କଟିଙ୍ଗ୍ ଯନ୍ତ୍ର, ଓଜନ ଯନ୍ତ୍ର, କ୍ଲିନିଂ ଯନ୍ତ୍ର, ଅନ୍ୟ ଉପକରଣ (ପାଣିକୁଣ୍ଡ ଇତ୍ୟାଦି)

**କାର୍ଯ୍ୟ ଦିବସ:** ଏହି ଶିଳ୍ପ ବର୍ଷକୁ ହାରାହାରି ୩୦୦ ଦିନ ଚାଲିଥାଏ ।

**ବିକ୍ରି:** ସିସାଲ ତନ୍ତୁରୁ ଉତ୍ପାଦିତ ସାମଗ୍ରୀ ଯଥା ରସି, ସାଇକେଲଫୁଲ, ଘର ସଫାକରିବା ବ୍ରସ୍ ତଥା ଅନ୍ୟାନ୍ୟ ହସ୍ତଶିଳ୍ପ, ଘର ସଜାଇବା ଉପକରଣ ଆଦି ନିକଟସ୍ଥ ଦୈନିକ ବଜାର, ଷ୍ଟେସନାରୀ ଦୋକାନ ତଥା ହାର୍ଡ୍‌ୱାର ଦୋକାନରେ ହୋଲ୍‌ସେଲ୍ ବା ଖୁଚୁରାରେ ବିକ୍ରି କରାଯାଏ ।

**ବିଜୁଳିଶକ୍ତି:** ବିଜୁଳିଶକ୍ତି ନଥିବା ସ୍ଥାନରେ ଡିଜେଲ ପମ୍ପସେଟ୍‌ର ଆବଶ୍ୟକତା ରହିଛି ।

**ପୁଞ୍ଜି ବିନିଯୋଗ:** ଏହି ଶିଳ୍ପ ଚଳାଇବା ପାଇଁ ଆବଶ୍ୟକୀୟ ପୁଞ୍ଜି ନିମନ୍ତେ ଉଦ୍ୟୋଗୀ ନିକଟସ୍ଥ ଜାତୀୟକରଣ ବ୍ୟାଙ୍କର ଶାଖା ପରିଚାଳକ, ଖଦୀବୋର୍ଡ, ଖଦୀ କମିଶନ, ରାଜ୍ୟ ଅର୍ଥ ନିଗମ, ହରିଜନ ଓ ଆଦିବାସୀ ଉନ୍ନୟନ ନିଗମର ଜିଲ୍ଲା କିମ୍ବା ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିପାରନ୍ତି । ତତ୍ ବ୍ୟତୀତ୍ ସ୍ୱୟଂ ସହାୟକ ଦଳର ସଭ୍ୟମାନେ ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନା ଅଧିନରେ ଏହି କାର୍ଯ୍ୟକ୍ରମ ଗୋଷ୍ଠୀଗତରୂପେ ଆରମ୍ଭ କରିପାରିବେ ।

**ଗୋଟିଏ ରସି ଉଦ୍ୟୋଗରେ ଲାଭକ୍ଷତି ହିସାବ:**

୧. ଶିଳ୍ପ ବସାଇବାର ସ୍ଥାନ: ଏକ ହଜାର ବର୍ଗ ଫୁଟ ପରିମିତ ଜାଗା ଭଡା ସୂତ୍ରରେ ଉଦ୍ୟୋଗୀମାନେ ମାସିକ ଟ ୧୦୦୦ ହିସାବରେ ନେଇପାରିବେ ।

| ୨. କଳକବ୍‌ଜା/ଯନ୍ତ୍ରପାତି | ସଂଖ୍ୟା | ଦାମ୍ |
|---|---|---|
| ଡ଼ିକୋଡିକଟର ମେସିନ୍ | ୧ | ୧୫,୦୦୦ |
| ଡିଜେଲ୍ ପମ୍ପସେଟ୍ | ୧ | ୧୨,୫୦୦ |
| ରସିମେସିନ୍ | ୧୦ | ୪୦,୦୦୦ |
| କ୍ଲିନିଂ ଯନ୍ତ୍ର | ୨ | ୧,୫୦୦ |
| ଓଜନ ଯନ୍ତ୍ର | ୧ | ୧,୦୦୦ |
| କଟିଙ୍ଗ୍ ଯନ୍ତ୍ର | | ୨,୦୦୦ |
| ପାଣିକୁଣ୍ଡ | (୧୦x୧୦) | ୨,୦୦୦ |
| ସେଲସ୍ ଟ୍ୟାକ୍ସ ଇତ୍ୟାଦି | | ୫,୫୦୦ |
| **ମୋଟ** | | **୭୯,୫୦୦** |

| | |
|---|---|
| ୩. କଞ୍ଚାମାଲ ମାସିକ (ସିସାଲ ପତ୍ର) | ୧୦,୦୦୦ |
| ୪. ଦରମା ଓ ମଜୁରୀ (ମାସିକ) | |
| ପରିଚାଳକ (୧ଜଣ) | ୧,୫୦୦ |
| ସାହାଯ୍ୟକାରୀ (୧ଜଣ) | ୧,୦୦୦ |
| ଶ୍ରମିକ (୧୦ ଜଣ) | ୧୨,୫୦୦ |
| **ମୋଟ** | **୧୫,୦୦୦** |
| ୫. ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ | |
| ଡିଜେଲ | ୨,୦୦୦ |
| ଫର୍ଣ୍ଣିଚର ଇତ୍ୟାଦି | ୨,୦୦୦ |
| **ମୋଟ** | **୪,୦୦୦** |
| ୬. ଅନ୍ୟାନ୍ୟ ଖର୍ଚ୍ଚ (ମାସିକ) | |
| ଯନ୍ତ୍ରପାତି ରକ୍ଷଣା ବେକ୍ଷଣ | ୨୦୦ |
| ଯାତାୟତ | ୩୦୦ |
| ବିକ୍ରିଖର୍ଚ୍ଚ | ୫୦୦ |
| ଅନ୍ୟାନ୍ୟ | ୪୦୦ |
| **ମୋଟ** | **୧,୪୦୦** |
| ୭. ମୋଟ କାର୍ଯ୍ୟକାରି ପୁଞ୍ଜି (ମାସିକ) | |
| କଞ୍ଚାମାଲ | ୧୦,୦୦୦ |
| ଦରମା ଓ ମଜୁରୀ | ୧୫,୦୦୦ |
| ଅନ୍ୟାନ୍ୟ ସାମଗ୍ରୀ | ୪,୦୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | ୧,୪୦୦ |
| **ମୋଟ** | **୩୦,୪୦୦** |
| **୮. ମୋଟ ପ୍ରକଳ୍ପ ଖର୍ଚ୍ଚ:** | |
| କଳକବ୍‌ଜା/ଯନ୍ତ୍ରପାତି | ୭୯,୫୦୦ |
| କାର୍ଯ୍ୟକାରୀ ପୁଞ୍ଜି (ମାସିକ) | ୩୦,୪୦୦ |
| **ମୋଟ** | **୧,୦୯,୫୦୦** |
| **୯. ପୁଞ୍ଜି ବିନିଯୋଗ ପରିମାଣ:** | |
| ଉଦ୍ୟୋଗୀ ନିଜ ତରଫରୁ (୨୦%) | ୨୨,୦୦୦ |
| ବ୍ୟାଙ୍କ ଋଣ | ୮୮,୦୦୦ |
| **ମୋଟ** | **୧,୧୦,୦୦୦** |
| **୧୦. ବାର୍ଷିକ ଉତ୍ପାଦନ ଖର୍ଚ୍ଚ** | |
| କାର୍ଯ୍ୟକାରୀ ପୁଞ୍ଜି | ୩,୬୪,୮୦୦ |
| ଯନ୍ତ୍ରପାତିର କ୍ଷତି (୨୦%) | ୧୫,୮୦୦ |
| ବ୍ୟାଙ୍କ ଋଣର ସୁଧ (୧୮%) | ୧୩,୨୦୦ |
| **ମୋଟ** | **୩,୯୩,୮୦୦** |
| **୧୧. ବାର୍ଷିକ ଲାଭକ୍ଷତି** | |
| ବାର୍ଷିକ ହାରାହାରି ୩୦୦ କ୍ୱିଣ୍ଟାଲ ରସି ଉତ୍ପାଦନ କରାଯିବ ଯାହାର ବିକ୍ରୟମୂଲ୍ୟ (୨,୦୦୦x୩୦୦) | ୬,୦୦,୦୦୦ |
| ବାର୍ଷିକ ଖର୍ଚ୍ଚ | ୩,୯୩,୮୦୦ |
| **ମୋଟ ବାର୍ଷିକ ଲାଭ** | **୨,୦୬,୨୦୦** |

ରସି ଉତ୍ପାଦନ ଭଳି ଅନ୍ୟାନ୍ୟ ସାମଗ୍ରୀ ଯଥା ସାଇକେଲ ଫୁଲ ହସ୍ତଶିଳ୍ପ ଆଦି ପଦାର୍ଥ ବହୁ ଲାଭ ଜନକ ବ୍ୟବସାୟ । ସୁନ୍ଦରଗଡ଼ ଜିଲ୍ଲାର ବାମରାଠାରେ କେନ୍ଦ୍ର ସରକାରଙ୍କ (ICAR)ର ଏକ ସଂସ୍ଥା ଏହି କ୍ଷେତ୍ରରେ ଅଧିକ ଗବେଷଣା ନିମନ୍ତେ କାର୍ଯ୍ୟରତ ।

ଆପଣ ଯଦି ଏହି ଶିଳ୍ପ ବସାଇବାକୁ ଚାହୁଁଛନ୍ତି, ତେବେ ବଜାର, ପ୍ରକଳ୍ପ ରିପୋର୍ଟ, ଯନ୍ତ୍ରପାତି ଯୋଗାଣ, ତାଲିମ ତଥା ଅନ୍ୟାନ୍ୟ ବୈଷୟିକ ବିବରଣୀ ନିମନ୍ତେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।


"ପ୍ରୟାସ"
ଉଦ୍ୟୋଗ ବିକାଶ
ମାର୍ଫତ୍ - ସଂଯୋଗ
ରୋଡ୍ ନଂ-୨, କଣ୍ଟାବାଞ୍ଜି, ଜି : ବଲାଙ୍ଗୀର
ଦୂରଭାଷ - ୦୬୬୫୭ - ୨୧୪୪୨
ପ୍ରସ୍ତୁତି - କମଳେଶ ମହାନ୍ତି